## ସଂକ୍ଷେପରେ

### ମହିଳାଙ୍କ ମୃତଦେହ ଉଦ୍ଧାର ଘଟଣା: ସ୍ୱାମୀ ଗିରଫ

ଗୋଷାଣୀ,୧୪।୧୧(ଡି.ଏନ୍.ଏ.) : ଗୁରାଣ୍ଡି ଥାନା ଅନ୍ତର୍ଗତ ମାଛମରା ଗ୍ରାମ ହରିଜନ ସାହିରେ ଏକ ଘରୁ ମହିଳାଙ୍କ ମୃତଦେହ ଉଦ୍ଧାର ଘଟଣାରେ ପୋଲିସ ସ୍ୱାମୀ ଆର. ଧନଞ୍ଜୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ କିଛି ଦିନ ହେଲା ଧନଞ୍ଜୟ ଏବଂ ସ୍ତ୍ରୀ ପଂଟାମା ସାହିରେ ଭଡ଼ାରେ ରହୁଥିଲେ। ତେବେ ଗତ ୧୨ ତାରିଖ ସକାଳେ ଘରୁ ସ୍ତ୍ରୀଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ବିବାହ ସମୟରେ ଯୌତୁକ ଦିଆଯାଇଥିଲେ ମଧ ସ୍ୱାମୀ ଅଧିକ ଯୌତୁକ ଦାବି କରି ଅତ୍ୟାଚାର କରୁଥିଲେ। ତେଣୁ ସେ ହିଁ ହତ୍ୟା କରିଥିବା ନେଇ ଗୁରାଣ୍ଡି ଥାନାରେ ଅଭିଯୋଗ ହୋଇଥିଲା। ଏ ନେଇ ଥାନାରେ ୯୭/୧୯ ନଂ ରେ ରେ ଏକ ମାମଲା ରୁଜୁକରି ପୋଲିସ ଧନଞ୍ଜୟଙ୍କୁ ଅଟକ ରଖି ପଚରା ଉଚରା କରୁଥିଲା । ଆତ୍ମହତ୍ୟା ବୋଲି କହୁଥିବା ସ୍ୱାମୀ ଶେଷରେ ସ୍ତ୍ରୀଙ୍କୁ ତଣ୍ଟି ଚିପି ହତ୍ୟା କରିଥିବା ସ୍ୱୀକାର କରିଥିବା ଗୁରାଣ୍ଡି ଥାନା ଆଇଆଇସି ମୁକେଶ୍ ଲାକ୍ରା ସୂଚନା ଦେଇଛନ୍ତି।

# ଶିଶୁ ଯତ୍ନ ଅନୁଷ୍ଠାନଗୁଡ଼ିକୁ ବିଭିନ୍ନ ଉପକରଣ ପ୍ରଦାନ

ପାରଳାଖେମୁଣ୍ଡି, ୧୪।୧୧ (ସ୍ୱ.ପ୍ର.)

ପାରଳାଖେମୁଣ୍ଡିସ୍ଥିତ ନବଜୀବନ ଶିଶୁ ଆଶ୍ରମ ପରିସରରେ ବୁଧବାର ଶିଶୁ ଦିବସ ପାଳିତ ହୋଇଛି। ଏହି ଅବସରରେ ଜିଲାପାଳ ଅନୁପମ ଶାହା ବିଭିନ୍ନ ଶିଶୁ ଯତ୍ନ ଅନୁଷ୍ଠାନକୁ ବିଭିନ୍ନ ଉପକରଣ ପ୍ରଦାନ କରିଛନ୍ତି। ଦୀପାବଳୀରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶିଶୁ ଯତ୍ନ ଅନୁଷ୍ଠାନ ପରିଦର୍ଶନ ପରେ ପ୍ରତି ଜିଲାକୁ ୧୦ଲକ୍ଷ ଟଙ୍କା ଘୋଷଣା କରିଥିଲେ। ଶିଶୁ ଦିବସ ଉପଲକ୍ଷେ ଗଜପତି ଜିଲାପାଳ ଶାହା ସେହି ଟଙ୍କାରେ ଅନୁଷ୍ଠାନମାନଙ୍କୁ ବିଭିନ୍ନ ଉପକରଣ ପ୍ରଦାନ କରିଛନ୍ତି। ଶିଶୁ ଦିବସ ଉପଲକ୍ଷେ ଜିଲାପାଳ ଓ ଏସ୍‌ପି ସାରା ଶର୍ମା ନବଜୀବନ ଦୃଷ୍ଟିବାଧିତ ରିଲିଫ କେନ୍ଦ୍ରରେ ପହଞ୍ଚି ଜିଲାର ସମସ୍ତ ଶିଶୁ ଯତ୍ନ ଅନୁଷ୍ଠାନର ଶିଶୁମାନଙ୍କ ସହ ସମୟ ବିତାଇବା ସହ ମିଠା ବାଣ୍ଟିଥିଲେ। ଏହି ଅବସରରେ ଜିଲାପାଳ ମୋହନାସ୍ଥିତ ଡେ-ଷ୍ଟାର୍‌ହୋମ ଜରାୟୁ ଅନୁଷ୍ଠାନର ପାଠେରି ନିର୍ମାଣ ପାଇଁ ୪ଲକ୍ଷ, ମରାମତି ପାଇଁ ୧ଲକ୍ଷ ଟଙ୍କା ଏବଂ ବିବେକାନନ୍ଦ ଆବାସିକ ବିଦ୍ୟାଳୟ ଏବଂ ଏସ୍. ଉଦୁଗାଙ୍କୁ ଇନ୍‌ଭର୍ଟର, ଫ୍ରିଜ୍, ଓ୍ୱାଟରମେସିନ୍, ଟେବୁଲ, ଚେୟାର, ଦରି ଆର. ସାତାପୁରସ୍ଥିତ ଶ୍ରୀ ଜଗନ୍ନାଥ ନିକେତନକୁ ୨୦ଟି ଖଟ, କମ୍ପ୍ୟୁଟର ଏବଂ ଗାଧୁଆଘର ଓ ଶୌଚାଳୟ ମରାମତି ପାଇଁ ୫ହଜାର ଟଙ୍କା, ଗୁମ୍ମାସ୍ଥିତ ନିଶାନ୍ ସାଲେମ୍‌ହୋମ୍‌କୁ ଏଲ୍‌ଇଡି ଟିଭି, ରେଫ୍ରିଜେରେଟର, ନବଜୀବନ ଦୃଷ୍ଟିହୀନ ଓ ରିଲିଫ କେନ୍ଦ୍ରକୁ ୨ଟି ସହ ଶୌଚାଳୟର ମରାମତି ପାଇଁ ୧ଲକ୍ଷ ଟଙ୍କା ଏବଂ ପାରଳାଖେମୁଣ୍ଡିସ୍ଥିତ ସା(ନିସାନ)କୁ ଏକ ଲାପଟପ ପ୍ରଦାନ କରିଛନ୍ତି। କାର୍ଯ୍ୟକ୍ରମରେ ଶିଶୁମଙ୍ଗଳ ସମିତିର ଅଧ୍ୟକ୍ଷ ପ୍ରମୋଦ ରାଉଳ, ଶ୍ରୀ ଜଗନ୍ନାଥ ନିକେତନର ଅନାଦି ପାଣିଗ୍ରାହୀ, ନବଜୀବନ ଟ୍ରଷ୍ଟର ପରିଚାଳକ ଏସ୍. ରାମଣା ଓ ଜିଲା ଶିଶୁ ସୁରକ୍ଷା ସମିତି ଅଧିକାରୀ ଅରୁଣ କୁମାର ତ୍ରିପାଠୀ ଉପସ୍ଥିତ ଥିଲେ।




ଶିଶୁ ଦିବସରେ ଜିଲାପାଳ ଏବଂ ଏସ୍‌ପି ଶିଶୁମାନଙ୍କୁ ବିସ୍କୁଟ ବାଣ୍ଟୁଛନ୍ତି।

**ଶିଶୁ ଦିବସ ପାଳିତ**

### ଦେଶ ଗଠନରେ ଛାତ୍ର ସମାଜର ଭୂମିକା ଗୁରୁତ୍ୱପୂର୍ଣ୍ଣ

ପାରଳାଖେମୁଣ୍ଡି,୧୪।୧୧ (ସ୍ୱ.ପ୍ର.)

ରାଜ୍ୟ ଆଇନ ସେବା ପ୍ରାଧିକରଣ ଏବଂ ଗଜପତି ଜିଲାଜଜ୍ ତଥା ପ୍ରାଧିକରଣର ଅଧ୍ୟକ୍ଷ ବିଶ୍ୱଜିତ ଦାସଙ୍କ ତତ୍ତ୍ୱାବଧାନରେ ଶିଶୁ ଦିବସ ଉପଲକ୍ଷେ ବେତାଗୁଡ଼ା ଗ୍ରାମରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ରୂପେ ଡିଏଲ୍‌ଏସ୍‌ଏ ଅଧ୍ୟକ୍ଷ ଦାସ ଦେଶ ଗଠନରେ ଛାତ୍ରସମାଜର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ଏହିଅବସରରେ ଶିଶୁଙ୍କ ପାଇଁ ରହିଥିବା ବିଭିନ୍ନ ଆଇନ ଏବଂ ଅଧିକାର ସମ୍ପର୍କରେ ସଚେତନ କରାଯାଇଥିଲା। ସେହିପରି ସମ୍ମାନିତ ଅତିଥିଭାବେ ଅରୁଣ ସାହୁ, ସମ୍ପାଦିକା ଦୀପା ଦାସ, ବିଚାରପତି ବ୍ୟୋମକେଶ ନାୟକ, ଅନ୍ୟତମ ସମ୍ମାନିତ ଅତିଥିଭାବେ ସିଭିଲ୍ କୋର୍ଟ ରେଜିଷ୍ଟ୍ରାର ଶୁଭଶ୍ରୀ ପ୍ରଧାନ, ଆଇନଜୀବୀ ସଂଘର ସଚିବ କୃଷ୍ଣମୋହନ ପଟ୍ଟନାୟକ, ଶିଶୁ କଲ୍ୟାଣ ସମିତିର ସଦସ୍ୟା ଅଲକା ସାହୁ, ଜବାହର ନବୋଦୟ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ କୁମାର ପଣ୍ଡା ଉପସ୍ଥିତ ଥିଲେ।

# ବଂଶଧାରାରେ ବୁଡ଼ି ଜଣେ ମୃତ

କାଶୀନଗର,୧୪।୧୧(ଡି.ଏନ୍.ଏ.)

ବଂଶଧାରାରେ ବୁଡ଼ି କାଶୀନଗର ଥାନା ଅନ୍ତର୍ଗତ ୧୯ନଂ ୱାର୍ଡର ଜି. ବିରାୟ(୫୫)ଙ୍କ ଗୁରୁବାର ମୃତ୍ୟୁ ହୋଇଛି। ସେ ନଦୀକୁ ଶୌଚ ପାଇଁ ଯାଇଥିବା ସମୟରେ ଗୋଡ଼ ଖସି ନଦୀରେ ବୁଡ଼ିଯାଇଥିଲେ। ଖବର ପାଇ କାଶୀନଗର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିବା ସହ ଥାନାରେ ଏକ ଅପମୃତ୍ୟୁ ମାମଲା ନଂ-୧୭/୧୯ ରୁଜୁ କରି ତଦନ୍ତ ଜାରି ରଖିଥିବା ତଦନ୍ତକାରୀ ଅଧିକାରୀ ଏଏସ୍‌ଆଇ ଟି. ରାଙ୍ଗାବାବୁ ସୂଚନା ଦେଇଛନ୍ତି।

# ଚାଇଲ୍ଡଲାଇନ ସେ ଦୋସ୍ତି କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି,୧୪।୧୧(ସ୍ୱ.ପ୍ର)

ପାରଳାଖେମୁଣ୍ଡି ସ୍ଥିତ ନବଜୀବନ ଟ୍ରଷ୍ଟ ପରିସରରେ ଶିଶୁ ଦିବସ ଉପଲକ୍ଷେ ଚାଇଲ୍ଡଲାଇନ୍ ପକ୍ଷରୁ 'ଚାଇଲ୍ଡଲାଇନ୍ ସେ ଦୋସ୍ତି' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ସପ୍ତାହବ୍ୟାପି ବିଭିନ୍ନ ସ୍ଥାନରେ ଚାଇଲ୍ଡଲାଇନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ଅବସରରେ ଶିଶୁମାନଙ୍କୁ ଏକ ସବୁଜ ରଙ୍ଗର ବ୍ୟାଣ୍ଡ ପ୍ରଦାନ କରାଯାଇଥିଲା। ଏହା ଦ୍ୱାରା ଶିଶୁମାନଙ୍କ ମଧ୍ୟରେ ଚାଇଲ୍ଡଲାଇନ୍ ପ୍ରତି ସ୍ନେହ ଭାବ ଜାଗ୍ରତ ହେବ ଏବଂ ଚାଇଲ୍ଡଲାଇନ୍‌କୁ ସହଯୋଗ କରିବେ। ନବଜୀବନ ଟ୍ରଷ୍ଟ ବ୍ୟତୀତ ଗୁମ୍ମା, କାଶୀନଗର, ଗୋଷାଣୀ, ଆର.ଉଦୟଗିରି, ରାୟଗଡ଼, ମୁହାଗଡ଼, ମୋହନା ବ୍ଲକ୍‌ର ବିଭିନ୍ନ ଶିଶୁ ଆଶ୍ରମ ଗୁଡ଼ିକରେ ମଧ୍ୟ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କପାଳାଖେମୁଣ୍ଡି ଚାଇଲ୍ଡଲାଇନ ସଂଯୋଜକ ନାରାୟଣ ଚୌଧୁରୀ ଜଣାଇଛନ୍ତି। କାର୍ଯ୍ୟକ୍ରମରେ ଜୁଭେନାଇଲ ଜଷ୍ଟିସ୍ ବୋର୍ଡର ସଦସ୍ୟା ଭାଗ୍ୟଲକ୍ଷ୍ମୀ ନାୟକ, ନବଜୀବନ ଟ୍ରଷ୍ଟର ପାରଳାଖେମୁଣ୍ଡି ଶାଖା ପରିଚାଳକ ଏସ୍.ଭି. ରମଣା ଓ ଜିଲା ମୁଖ୍ୟ କିଶୋଳାନର ପ୍ରଶାସକମଞ୍ଜୁଳା ଚୌଧୁରୀ ଉପସ୍ଥିତଥିଲେ।


## ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ

always with U

ଆଞ୍ଚଳିକ କାର୍ଯ୍ୟାଳୟ: ପିପିଲି, ସା/ପୋ: ପିପିଲି, ଜିଲ୍ଲା: ପୁରୀ, ପିନ୍-୭୫୨୧୦୪, ମୋବାଇଲ: ୯୪୩୭୬୪୮୦୨୭, ଇ-ମେଲ୍: ropipli@odishabank.in

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**
(SARFAESI ଆକ୍ଟ ୨୦୦୨ ଅନୁଯାୟୀ)

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (ସରଫେସି ଆକ୍ଟ) ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ ରୁଲ୍ସ ୨୦୦୨) ରୁଲ୍ ୬, ୮ ଏବଂ ୯ ଅନୁଯାୟୀ ବ୍ୟାଙ୍କରେ ବନ୍ଧକଥିବା ସ୍ଥାବର ସମ୍ପତ୍ତିର ନିଲାମ ବିକ୍ରୟ।

[illegible]

**ସ୍ଥାବର ସମ୍ପତ୍ତିର ବିବରଣୀ**

| କ୍ର. ନଂ. | ଶାଖା / ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା | ସମ୍ପତ୍ତିର ବିବରଣୀ / ସମ୍ପତ୍ତି ମାଲିକମାନଙ୍କ ନାମ | ବକେୟା ରାଶି | ଡିମାଣ୍ଡ/ଦଖଲ ନୋଟିସ୍ ତାରିଖ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା |
|---|---|---|---|---|---|
| [illegible] | [illegible] | [illegible] | [illegible] | [illegible] | [illegible] |

**ଅନ୍‌ଲାଇନ ନିଲାମ ବିକ୍ରୟର ନିୟମ ଏବଂ ସର୍ତ୍ତାବଳୀ :**

[illegible]

ସ୍ଥାନ: ପିପିଲି, ତାରିଖ: ୧୪.୧୧.୨୦୧୯

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ଶୁକ୍ରବାର, ନଭେମ୍ବର ୧୫/୨୦୧୯ Rayagada, Friday, November. 15 / 2019

## ସଂକ୍ଷେପରେ

### ମଧୁମେହ ଦିବସରେ ସ୍ୱାସ୍ଥ୍ୟ ଶିବିର

ଜୟପୁର,୧୪।୧୧(ଡି.ଏନ୍.ଏ./ନି.ପ୍ର.): ଜୟପୁର ରୋଟାରୀ କ୍ଲବ ପକ୍ଷରୁ ସ୍ଥାନୀୟ ସାଇକ୍ରିଷ୍ଣା ହୋଟେଲରେ ବିଶ୍ୱ ମଧୁମେହ ଦିବସ ପାଳିତ ହୋଇଛି। ଏହି ଅବସରରେ ଗୁରୁବାର ସ୍ୱାସ୍ଥ୍ୟ ଓ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ୧୫୦ ଜଣଙ୍କ ଚକ୍ଷୁ, ରକ୍ତଚାପ ପରୀକ୍ଷା କରାଯାଇଥିଲା । ଚକ୍ଷୁ ବିଶେଷଜ୍ଞ ଡାକ୍ତର ନମ୍ରତା ମାଝି, ଡା. ବସନ୍ତ ପଟ୍ଟନାୟକ ମାଗଣାରେ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ରୋଟାରୀ କ୍ଲବ ସଭାପତି ଜି. ଭେଙ୍କଟରାଓ, ସହ ସଂପାଦକ କିଶୋର ଚୌଧୁରୀ, ଏ. ରାମକ୍ରିଷ୍ଣା, ଜି. ଶିବା ରେଡ୍ଡୀ ଓ ରାମଅବତାର ଗୁପ୍ତା ଏହାର ପରିଚାଳନ କରିଥିଲେ। ସେହିପରି ସିଟିଜନ କମିଟି ପକ୍ଷରୁ କର୍ମକର୍ତ୍ତା ମୀନକେତନ ଦାଶ, ଗୀତା ପ୍ରକାଶ ମିଶ୍ର ଓ ନରେଶନାଥ ନାୟକ ସହଯୋଗ କରିଥିଲେ।

### ଜିଲାସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା



ଜୟପୁର,୧୪।୧୧(ଡି.ଏନ୍.ଏ.): ଜୟପୁର ଶାରଦାବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପ୍ରଜ୍ଞାନ ମିଶନ ପକ୍ଷରୁ ଜିଲାସ୍ତରୀୟ 'ଗୀତା ସୁଗୀତା କର୍ତ୍ତବ୍ୟା'ର ଶ୍ଳୋକ ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏଥିରେ ପଞ୍ଚମ ଶ୍ରେଣୀରୁ ମହାବିଦ୍ୟାଳୟ ଯାଏ ସର୍ବକନିଷ୍ଠ, କନିଷ୍ଠ ଓ ବରିଷ୍ଠ ବିଭାଗରେ ଶତାଧିକ ଛାତ୍ରୀଛାତ୍ର ଭାଗ ନେଇଥିଲେ। ମୁଖ୍ୟ ଅତିଥି ଭାବେ ପଣ୍ଡିତ ମୃତ୍ୟୁଞ୍ଜୟ ଦାଶ, ମୁଖ୍ୟବକ୍ତା ଭାବେ ପଣ୍ଡିତ ଗୀତା ପ୍ରକାଶ ମିଶ୍ର ଯୋଗଦେଇ ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ଦେଇଥିଲେ। ପ୍ରଜ୍ଞାନ ମିଶନ ଜିଲା ସଂଯୋଜକ ଆଲୋକ ପାଣିଗ୍ରାହୀ, ଗାୟତ୍ରୀ ପରିବାରର ନିରଞ୍ଜନ ପାଣିଗ୍ରାହୀ, ଭି. ଶ୍ରୀନିବାସ, ତାରିଣୀ ପ୍ରସାଦ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ୪ ଶବଦାହ ମଣ୍ଡପ ଲୋକାର୍ପିତ

ଜୟପୁର,୧୪।୧୧(ନି.ପ୍ର.): ଜୟପୁର ଡେଙ୍ଗାତୋଟା ଶ୍ମଶାନ ଉନ୍ନୟନ କମିଟିର ପ୍ରଚେଷ୍ଟାରେ ତିଆରି ହୋଇଥିବା ୪ଟି ଶବଦାହ ମଣ୍ଡପକୁ ଗୁରୁବାର ଲୋକାର୍ପଣ କରାଯାଇଛି । କମିଟିର ଅନୁରୋଧ କ୍ରମେ ପ୍ରଫୁଲ୍ଲ ପାଠୀ, ଅଞ୍ଜନି ଅଗ୍ରୱାଲ, କେ. ବାବା ରାଓ, ଟ୍ରକ ମାଲିକ ସଂଘ ଶବଦାହ ମଣ୍ଡପ ତିଆରି କରିଥିଲେ। ଏହାର ପରିସରରେ ଜୟପୁର ବିଧାୟକଙ୍କ ଅନୁଦାନରୁ ଏକ କାଠ ଗୃହ ମଧ୍ୟ କମିଟି ତିଆରି କରିଛି। ଏଠାରେ ଶବଦାହ ପାଇଁ କାଠ ଯୋଗାଇବା ଲାଗି ସବୁ ବ୍ୟବସ୍ଥା ଥିବାରୁ ଏଥିପାଇଁ ୧୮ ଶହ ଟଙ୍କା ମୂଲ୍ୟ ଧାର୍ଯ୍ୟ କରାଯାଇଛି । କମିଟି ଉପ ସଭାପତି ରଜନୀକାନ୍ତ ନାୟକ ଏଥିପାଇଁ ଧନ୍ୟବାଦ ଦେଇଛନ୍ତି।

### ପୂଜ୍ୟପୂଜା କମିଟି ପକ୍ଷରୁ ଶିଶୁ ଦିବସ



କୋଲାବନଗର, ୧୪।୧୧(ଡି.ଏନ୍.ଏ.): କୋଲାବନଗର ସରକାରୀ ଉଚ୍ଚ ବିଦ୍ୟାଳୟରେ ପୂଜ୍ୟପୂଜା କମିଟି ପକ୍ଷରୁ ଶିଶୁ ଦିବସ ପାଳନ କରାଯାଇଛି। ଜବାହରଲାଲଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଆଶିଷ ପାଢୀ ଓ ଶିକ୍ଷୟିତ୍ରୀ ସୁଭଦ୍ରା ଦିଦି, ପୂଜ୍ୟପୂଜା କମିଟି ସଭ୍ୟ ଜିତେନ୍ଦ୍ର ଜେନା, କାମାକ୍ଷୀପ୍ରସାଦ ପାଢ଼ୀ ନେହେରୁଙ୍କ ଜୀବନୀ ସମ୍ପର୍କରେ ପିଲାମାନଙ୍କୁ କହିଥିଲେ। ଏହାପରେ ୧୦ଟି ସ୍କୁଲର ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା କରାଯାଇଥିଲା। ବରିଷ୍ଠ ନାଗରିକ ସୁରପ୍ରସାଦ ସେଠୀ, କମଳାକାନ୍ତ ମିଶ୍ର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

# ବାଲ୍ୟବିବାହ ରୋକିବ 'ମିଶନ ଅପରାଜିତା'

■ ଲକ୍ଷ୍ମୀପୁର ଅଞ୍ଚଳର ଅଞ୍ଜଳି ସାଉନ୍ତା, ଦଶମନ୍ତପୁର ବ୍ଲକ ଗିର୍ଲିପୁଟର ଟୁନି ଜାନି ସମ୍ମାନିତ

କୋରାପୁଟ,୧୪।୧୧(ସ୍ୱ.ପ୍ର.)

କୋରାପୁଟରେ ବାଲ୍ୟ ବିବାହ ହ୍ରାସ କରିବା ଲକ୍ଷ୍ୟରେ ଗୁରୁବାର ଜିଲା ପ୍ରଶାସନ ମିଶନ ଅପରାଜିତା କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛି। ଜିଲାପାଳ ମଧୁସୂଦନ ମିଶ୍ର ମୁଖ୍ୟ ଅତିଥି ଭାବେ ଏହାର ଶୁଭାରମ୍ଭ କରିଛନ୍ତି। ଏକବର୍ଷ ଭିତରେ ଜିଲାରେ ଘଟୁଥିବା ବାଲ୍ୟବିବାହକୁ ୩୮ରୁ ପ୍ରାୟ ଅର୍ଦ୍ଧାଧିକ ପ୍ରତିଶତ ହ୍ରାସ କରିବା ଲକ୍ଷ୍ୟ ରଖାଯାଇଛି । ୧୦୦ ଘଣ୍ଟା ଯାଏ ବିଭିନ୍ନ ଗ୍ରାମାଞ୍ଚଳ, ବ୍ଲକରେ ଛାତ୍ରୀଛାତ୍ର, ଅଙ୍ଗନୱାଡ଼ି, ସିଡିପିଓ ଓ ସୁପରଭାଇଜରଙ୍କୁ ଏ ଦିଗରେ ସଚେତନ କରାଯିବ। ଏଥିରେ ସମ୍ମାନିତ ଅତିଥି ଭାବେ ବିହନ ନିଗମ ଅଧ୍ୟକ୍ଷ ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ଅତିରିକ୍ତ ଜିଲାପାଳ ଦେବେନ ପ୍ରଧାନ, ଜିଲା ପରିଷଦ ଅଧ୍ୟକ୍ଷା ତୁଳସୀ କିର୍ସାନୀ, ଡିଆରଡିଏ ପିଡି ପ୍ରବୀର ନାୟକ, ଜିଲା ପରିଷଦ ଉପାଧ୍ୟକ୍ଷା ନାର୍ସୁଲ କାମିଡି, ସିଡିଏମ୍‌ଓ ଡାକ୍ତର କାଳି ପ୍ରସାଦ ବେହେରା, ଜିଲା ମଙ୍ଗଳ ଅଧିକାରୀ ମଧୁସ୍ମିତା ମହାପାତ୍ର, ଜିଲା ଶିଶୁ ସୁରକ୍ଷା ଅଧିକାରୀ ରାଜଶ୍ରୀ ଦାସ, ଜିଲା ସମାଜ ମଙ୍ଗଳ ଅଧିକାରୀ, ସମାଜ ସୁରକ୍ଷା ଅଧିକାରୀ, ସିଡବ୍ଲ୍ୟୁସି ଅଧ୍ୟକ୍ଷା ଉପସ୍ଥିତ ଥିଲେ । ଏହି ଅବସରରେ ବାଲ୍ୟ ବିବାହକୁ ବିରୋଧ କରି ଅନ୍ୟ ଛାତ୍ରୀଛାତ୍ରଙ୍କ ପାଇଁ ଉଦାହରଣ ସାଜିଥିବା ଜିଲାର ଲକ୍ଷ୍ମୀପୁର ଅଞ୍ଚଳର ଅଞ୍ଜଳି ସାଉନ୍ତା ଓ ଦଶମନ୍ତପୁର ବ୍ଲକର ଗିର୍ଲିପୁଟ ଗ୍ରାମର ଟୁନି ଜାନିଙ୍କୁ ଜିଲାପାଳ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଅପରାଜିତା କାର୍ଯ୍ୟକ୍ରମର ଲୋଗୋ ଉନ୍ମୋଚିତ ହୋଇଥିଲା।



ମିଶନ ଅପରାଜିତା କାର୍ଯ୍ୟକ୍ରମର ଲୋଗୋକୁ ଜିଲାପାଳ ଓ ଅନ୍ୟମାନେ ଉନ୍ମୋଚନ କରୁଛନ୍ତି ।

# ମା' ମାଉଲିଙ୍କ ନୂତନ ମନ୍ଦିରରେ ରତ୍ନମୁଦ ସ୍ଥାପିତ

କୋଟପାଡ଼,୧୪।୧୧(ଡି.ଏନ୍.ଏ.)



କୋଟପାଡ଼ ସହରର ଆରାଧ୍ୟ ଦେବୀ ମା' କନକମଣି ମାଉଲିଙ୍କ ନୂତନ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟ ଅନୁଷ୍ଠିତ ହୋଇଛି। ମାର୍ଗଶୀର ମାସ ପ୍ରଥମ ଗୁରୁବାରରେ ଏହାର ରତ୍ନମୁଦ ପ୍ରତିଷ୍ଠା ହୋଇଥିଲା। ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ଗତ ୯ ତାରିଖରୁ ଆରମ୍ଭ ହୋଇଥିବା ବେଳେ ଭୀମା ଖୁଣ୍ଟ ସ୍ଥାପନ, କଳସଯାତ୍ରା, ବନଜାଗ, ସହର ଚତୁଃପାର୍ଶ୍ୱରେ ଦେବଦେବୀଙ୍କୁ ନିମନ୍ତ୍ରଣ, ପଣ୍ଡିତଙ୍କ ଦ୍ୱାରା ଅସ୍ଥାୟୀ ପୂଜା ପିଣ୍ଡିରେ ହୋମଯଜ୍ଞ କରାଯାଇଥିଲା। ପ୍ରତ୍ୟେକ ଦିନ ବଡ଼ଦାଣ୍ଡ ରାସ୍ତାରେ ରାତିରେ କୋଟପାଡ଼ ତଥା ଆନ୍ଧ୍ର, ଭୁବନେଶ୍ୱରର ସାଂସ୍କୃତିକ ଦଳଙ୍କ କାର୍ଯ୍ୟକ୍ରମ ଜନସାଧାରଣଙ୍କୁ ମନୋରଞ୍ଜନ କରୁଛି। ଏହାସହ ପୁରୁଣା ତହସିଲ ପଡ଼ିଆରେ ମୀନାବଜାର ଚାଲିଛି।

# ଅଧ୍ୟକ୍ଷାଙ୍କ ନାଁରେ ଅନାସ୍ଥା କାଟ୍ ଖାଇଲା

ବନ୍ଧୁଗାଁ,୧୪।୧୧(ଡି.ଏନ୍.ଏ.)

ବନ୍ଧୁଗାଁ ବ୍ଲକ ଅଧ୍ୟକ୍ଷାଙ୍କ ବିରୋଧରେ ୧୩ଟି ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟଙ୍କ ଦ୍ୱାରା ଅଣାଯାଇଥିବା ଅନାସ୍ଥା ପ୍ରସ୍ତାବ ଗୁରୁବାର କାଟ ଖାଇଛି। ଅଧ୍ୟକ୍ଷା ପ୍ରମିଳା ଜାକାକାଙ୍କ କାର୍ଯ୍ୟରେ ଅସନ୍ତୁଷ୍ଟ ହୋଇ ଗତ ଅକ୍ଟୋବର ୧୨ରେ ୧୦ ଜଣ ସମିତି ସଭ୍ୟ ଓ ୧୦ଜଣ ସରପଞ୍ଚଙ୍କ ଦ୍ୱାରା ଉପଜିଲାପାଳ ପାଖରେ ଅନାସ୍ଥା ପ୍ରସ୍ତାବ ପାଇଁ ଲିଖିତ ଅଭିଯୋଗ କରିଥିଲେ। କୋରାପୁଟ ଉପଜିଲାପାଳ ଅନାସ୍ଥା ପ୍ରସ୍ତାବକୁ ଗ୍ରହଣ କରି ଗତ ୨୬ ତାରିଖରେ ଦସ୍ତଖତ ଯାଞ୍ଚ କରିଥିଲେ। କିନ୍ତୁ ସେଠାରେ ଅନାସ୍ଥା ପ୍ରସ୍ତାବ କରିଥିବା ସମିତି ସଭ୍ୟ ଓ ସରପଞ୍ଚ ଅନୁପସ୍ଥିତ ଥିଲେ। ତଦନୁଯାୟୀ ଗୁରୁବାର କୋରାପୁଟ ଉପଜିଲାପାଳଙ୍କ ପତ୍ରସଂଖ୍ୟା ୭୩୪୫/୨୦୧୯ ଅନୁଯାୟୀ ପଞ୍ଚାୟତ ସମିତି ଆକ୍ଟ ୧୯୫୯ ଧାରା ୪୬(ଖ) ମୁତାବକ ଲକ୍ଷ୍ମୀପୁର ବିଡିଓ ବେଣୁଧର ଶବର, ଏସ୍‌ଡିପିଓ ଏସ୍.ଭି.ଏସ୍. ଶର୍ମା, ତହସିଲଦାର ଶୋଭାଭୂଷଣ ଶବର, ବନ୍ଧୁଗାଁ ବିଡିଓ ମନୋଜ ନାୟକ, ଜିପିଇଓ ସୁରେଶ ପଟ୍ଟନାୟକ ଓ ଉପଜିଲାପାଳ କାର୍ଯ୍ୟାଳୟର କର୍ମଚାରୀ ଉପସ୍ଥିତିରେ ଅନାସ୍ଥା ପ୍ରସ୍ତାବ ପାଇଁ ସ୍ୱତନ୍ତ୍ର ପଞ୍ଚାୟତ ସମିତି ବୈଠକ କରାଯାଇଥିଲା। ସକାଳ ୧୧ରୁ ୧୨ଟା ୫୦ ପର୍ଯ୍ୟନ୍ତ ଅନାସ୍ଥା ପ୍ରସ୍ତାବ ଯାଞ୍ଚ ରହିଥିଲା। କିନ୍ତୁ ପ୍ରସ୍ତାବକଙ୍କ ମଧ୍ୟରୁ କେହି ଜଣେ ହେଲେ ଉପସ୍ଥିତ ନ ଥିଲେ। ବନ୍ଧୁଗାଁ ବ୍ଲକରେ ଅନାସ୍ଥା ପ୍ରସ୍ତାବ ପ୍ରଥମ ଥର ହୋଇଥିବାବେଳେ ଜଣେ ମଧ୍ୟ ସଭ୍ୟ ନ ରହିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଏହି ଅନାସ୍ଥା ପ୍ରସ୍ତାବରେ ଦଳର କିଛି ପୁରୁଖା କର୍ମୀଙ୍କ ଚକ୍ରାନ୍ତ ଥିବା ଜଣାପଡ଼ିଛି। ଯାଞ୍ଚ ବେଳେ ବିଜେଡି ବନ୍ଧୁଗାଁ ପର୍ଯ୍ୟବେକ୍ଷକ ଏଲ୍.ଏନ୍. ପରିଡ଼ା, ବିଜେଡି ବ୍ଲକ ସଭାପତି ଭି. ଗଣପତି, ବିଜେଡି କାର୍ଯ୍ୟକାରୀ ସଭାପତି ରବୀନ୍ଦ୍ର ଦେବରପଲ୍ଲୀ ଓ ଅନ୍ୟ ବିଜେଡି ସଭ୍ୟ ଉପସ୍ଥିତ ଥିଲେ।



ବ୍ଲକ ଅଧ୍ୟକ୍ଷାଙ୍କ ନାମରେ ଆସିଥିବା ଅନାସ୍ଥା ପ୍ରସ୍ତାବର ଯାଞ୍ଚ ଚାଲିଛି ।

# ଗ୍ରାମ୍ୟ କୃଷି କର୍ମଚାରୀଙ୍କୁ ଭୂଚେତନା ତାଲିମ

କୋରାପୁଟ,୧୪।୧୧(ସ୍ୱ.ପ୍ର.)

କୋରାପୁଟସ୍ଥିତ ଡିଆରଡିଏ ସଦ୍‌ଭାବନା ସଭାଗୃହରେ ଚାଷ ଓ ମାଟିର ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଭୂ-ଚେତନା ତାଲିମ ଶିବିର ଅନୁଷ୍ଠିତ ହୋଇଛି। ଜିଲା କୃଷି ଉପନିର୍ଦ୍ଦେଶକ ପ୍ରଦୀପ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିବିରରେ ଇକ୍ରିସାଟର ବୈଜ୍ଞାନିକ ଡ. କେ.ଏଚ୍. ଅନନ୍ତ, ଜିଲା କୃଷି ଅଧିକାରୀ ଜୟପୁର ଉମେଶ ଚନ୍ଦ୍ର ସାହୁ, ଜିଲା କୃଷି ଅଧିକାରୀ ପୂଜାରି ଭେଙ୍କେଟ ରାଭନ ରାଓ, ବୈଜ୍ଞାନିକ ଡ. ବିଭୂତି ଭୂଷଣ ଦଳେଇ, ବୈଜ୍ଞାନିକ ଡ. ସୁନିତା ବେହେରା, ମୃତ୍ତିକା ରସାୟନବିତ ଜି.ଭି. ରେଡ୍ଡୀ ଯୋଗ ଦେଇଥିଲେ। ଏଥିରେ ଭୂ-ଚେତନାର ଆଭିମୁଖ୍ୟ, ଓଡ଼ିଶାରେ ମୃତ୍ତିକା ସଂରକ୍ଷଣ ଏବଂ ଫସଲ ଉତ୍ପାଦନ ବୃଦ୍ଧିରେ ଏହାର ଉପଯୋଗିତା ଉପରେ ଆଲୋକପାତ କରାଯାଇଥିଲା। ଇକ୍ରିସାଟର ସାଇଣ୍ଟିଫିକ ଅଧିକାରୀ ଦେବଶ୍ରୀ ସରକାର ଓ ପ୍ରଗତି ଅନୁଷ୍ଠାନର ଟିମ୍ ଲିଡର ମୁରଲି ଅଧିକାରୀ ଶିବିର ପରିଚାଳନା କରିଥିଲେ। ଏଥିରେ ୧୦୦ ଜଣ ଗ୍ରାମ୍ୟ କୃଷି କର୍ମଚାରୀ ତାଲିମ ନେଇଥିଲେ ।

# ପରବରେ କବିତା ପାଠ, ସାହିତ୍ୟ ଆଲୋଚନା




କବିତା ପାଠୋତ୍ସବରେ ମଞ୍ଚାସୀନ ଅତିଥିମାନେ ।

ଜୟପୁର,୧୪।୧୧(ନି.ପ୍ର.)

ରାଜ୍ୟସ୍ତରୀୟ ପରବ ଆନୁକୂଲ୍ୟରେ ଜୟପୁରସ୍ଥିତ କଲ୍ୟାଣ ମଣ୍ଡପରେ ଜିଲା ସଂସ୍କୃତି ପରିଷଦ ଓ ଜୟପୁର ସାହିତ୍ୟ ପରିଷଦ ଦ୍ୱାରା କବିତା ପାଠୋତ୍ସବ, ସାହିତ୍ୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ଏସ୍‌ଡିପିଓ ବରୁଣ ଗୁଣ୍ଟୁପାଲ୍ଲି, ସମ୍ମାନିତ ଅତିଥି ଭାବେ ସାହିତ୍ୟିକ ସୁରେଶ ଦାଶ, ମୁଖ୍ୟ ଆଲୋଚକ ଭାବେ କବି ଅନୀଲ ଚନ୍ଦ୍ର ଦାଶ ଉପସ୍ଥିତ ଥିଲେ। କବି ଲକ୍ଷ୍ମୀକାନ୍ତ ପାଢ଼ୀ ସଭାପତିତ୍ୱ କରିଥିଲେ। ଅଶୋକ ପଲେଇ ଅତିଥି ପରିଚୟ ଓ ଯଜ୍ଞେଶ୍ୱର ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ କବି ବିଷ୍ଣୁପ୍ରସାଦ ମିଶ୍ରଙ୍କ 'ଅଭିସାରିକାର ଚିତ୍ରଲେଖା' ପୁସ୍ତକ ଲୋକାର୍ପଣ କରାଯାଇଥିଲା। ରଘୁନାଥ ବିଶ୍ୱାଳ, ବିଜୟଲକ୍ଷ୍ମୀ ପାଣିଗ୍ରାହୀ, ପୁଷ୍ପଲତା ମୁଦୁଲି କବିତା ସଂଯୋଜନା କରିଥିବା ବେଳେ ବିଜୟ ନାରାୟଣ ପାତ୍ର, ତେଜେଶ୍ୱର ପଣ୍ଡା, ଇନ୍ଦ୍ର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନବକୃଷ୍ଣ ରଥ ଧନ୍ୟବାଦ ଦେଇଥିଲେ।

■ ସ୍କୁଲରେ ହଠାତ୍ ପହଞ୍ଚିଲେ ଉପଜିଲାପାଳ

# ଅବ୍ୟବସ୍ଥା ନେଇ ଜିଲାପାଳଙ୍କୁ ରିପୋର୍ଟ

ଜୟପୁର,୧୪।୧୧(ଡି.ଏନ୍.ଏ.)

ଜୟପୁର ଉପଜିଲାପାଳ ସରକାରୀ କାମରେ କୁନ୍ଦୁରା ତହସିଲ କାର୍ଯ୍ୟାଳୟ ଗସ୍ତ କରିଛନ୍ତି। ସେଠାରୁ ଜୟପୁର ଫେରିବା ବେଳେ ହଠାତ୍ କେରମିଟି ପଞ୍ଚାୟତ ସଦର ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ମଧ୍ୟ ଅନୁଧ୍ୟାନ କରିଛନ୍ତି। ବିଦ୍ୟାଳୟ ଓ ଛାତ୍ରୀନିବାସରେ ବ୍ୟାପକ ଅବ୍ୟବସ୍ଥା ଦେଖିବା ପରେ ଉପଜିଲାପାଳ ବିରକ୍ତ ହେବା ସହ ପ୍ରଧାନଶିକ୍ଷକଙ୍କୁ ୩ଦିନ ଦିନ ମଧ୍ୟରେ କୈଫିୟତ ତଲବ କରିଛନ୍ତି। ଜିଲାପାଳଙ୍କୁ ଏହାର ରିପୋର୍ଟ ଦେବା ସହ ସଂପୃକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ, ଅନୁପସ୍ଥିତ ଅନ୍ୟ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଜିଲା ଶିକ୍ଷା ଅଧିକାରୀଙ୍କୁ ସୁପାରିସ କରିଛନ୍ତି । ଉପଜିଲାପାଳ ଲୋକନାଥ ଦଳବେହେରା ଗୁରୁବାର ପୂର୍ବାହ୍ନ ୧୧ଟା ୧୫ରେ ପହଞ୍ଚିବା ବେଳେ ବିଦ୍ୟାଳୟରେ ୮ଜଣଙ୍କ ମଧ୍ୟରୁ କେବଳ ୨ଜଣ ଶିକ୍ଷକ ଉପସ୍ଥିତ ଥିଲେ। ଶିଶୁଦିବସ ପାଳନ କରାଯାଉଥିବା ବେଳେ ପ୍ରଧାନଶିକ୍ଷକ ଅରୁଣ ସ୍ୱାଇଁ ମଧ୍ୟ ଅନୁପସ୍ଥିତ ଥିଲେ। ସ୍କୁଲ ପରିସରରେ ଥିବା ୧୦୦ ଶଯ୍ୟାବିଶିଷ୍ଟ ଛାତ୍ରୀ ନିବାସରେ ରୋଷେଇଘର ଅପରିଷ୍କାର, ଶୋଇବାଘର ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇଥିବା ଉପଜିଲାପାଳ ଦେଖିଥିଲେ। ମାସର କୌଣସି ଗୋଟିଏ ମଙ୍ଗଳବାରରେ ଅଣ୍ଡା ଦିଆଯାଉଥିବା ଛାତ୍ରୀମାନେ କହିଥିଲେ।

# ସ୍ମୃତିରେ ଝଲସିଲେ ନେହରୁ

ଦାମନଯୋଡି, ୧୪।୧୧ (ଡି.ଏନ୍.ଏ/ସ୍ୱ.ପ୍ର.)

ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାର ଲାଲ ନେହେରୁଙ୍କ ୧୩୦ତମ ଜୟନ୍ତୀ ତଥା ଶିଶୁ ଦିବସରେ ନାଲ୍‌କୋ କମ୍ୟୁନିଟି ସେଣ୍ଟର ପକ୍ଷରୁ ସେକ୍ଟର ୨ ନେହେରୁ ପାର୍କଠାରେ ସ୍ୱତନ୍ତ୍ର ଉତ୍ସବର ଆୟୋଜନ କରାଯାଇଛି। ମୁଖ୍ୟ ଅତିଥିତଥ ନାଲ୍‌କୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରବିଶଙ୍କର ଦାସ ପଣ୍ଡିତ ନେହେରୁଙ୍କ ଜୀବନାଦର୍ଶ ବର୍ଣ୍ଣନା କରିଥିଲେ। ଡିଜିଏମ୍ ଅମରେନ୍ଦ୍ର ମିଶ୍ର, ଏଜିଏମ୍ ଶଶାଙ୍କ ଶେଖର ସାହୁ ଓ ବି.ସି. ଦାସ, କମ୍ୟୁନିଟି ସେଣ୍ଟର ସଭାପତି ତଥା ଏଜିଏମ୍ ଦାମୋଦର ସାହୁ ଅତିଥିଭାବେ ଯୋଗ ଦେଇଥିଲେ। ସମ୍ପାଦକ ମନୋଜ ପୃଷ୍ଟିଙ୍କ ସହ ରଞ୍ଜିତ ନାୟକ, ଶୁକଦେବ ପଟାୟତ, ବିଶ୍ୱଜିତ ମିଶ୍ର, ପୂର୍ଣ୍ଣଚନ୍ଦ୍ର ଗୌଡ଼, ସଞ୍ଜୟ ସାହୁ, ପ୍ରଶାନ୍ତ ସେଠୀ, ଗୌତମ ବିଶୋୟୀ, ଦୁର୍ଗା ପ୍ରସାଦ ନାୟକ, ପୁରୁଷୋତ୍ତମ ଲେହେରୀ ପରିଚାଳନା କରିଥିଲେ। ଟାଉନସିପ୍‌ର ଦିଲ୍ଲୀ ପବ୍ଲିକ ସ୍କୁଲ, ସରସ୍ୱତୀ ବିଦ୍ୟାମନ୍ଦିର, ମାଥଲପୁଟ ସରସ୍ୱତୀ ଶିଶୁମନ୍ଦିର, ମାଲୁ ସାଉନ୍ତା ସରକାରୀ ହାଇସ୍କୁଲ, ଆଲୁମିନା ବାଳିକା ହାଇସ୍କୁ, ଭେଜାପୁଟର ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପ୍ରଭୃତି ଅନୁଷ୍ଠାନରେ ମଧ୍ୟ ଶିଶୁ ଦିବସ ପାଳନ କରାଯାଉଛି।

ନାଲ୍‌କୋ ଟାଉନ୍‌ସିପ୍ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶିଶୁ ଦିବସ ଓ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଛି। ନାଲ୍‌କୋ ଡିଜିଏମ୍ ଅମରେନ୍ଦ୍ର ମିଶ୍ର, ପରିଚାଳନା କମିଟି ସମ୍ପାଦକ ଅଶୋକ ନାୟକ, ବିଦ୍ୟାମନ୍ଦିର ଅଧିକାରୀ ଡ.ଶୁଭ୍ରାଂଶୁ ଶେଖର ବାହିନୀପତି ପଣ୍ଡିତ ଜବାହାରଲାଲ ନେହେରୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ବିଦ୍ୟାଳୟରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରଯାଇଥିଲା। ଶିକ୍ଷୟିତ୍ରୀ ଶିକ୍ଷକଙ୍କ ପକ୍ଷରୁ ଏକାଙ୍କିକା 'ମୋବାଇଲ ମାନିଆ' ଗୁଜୁରାଟୀ ଲୋକନୃତ୍ୟ 'ଗରଓ୍ୱା' ପରିବେଷଣ କରାଯାଇଥିଲା। ଡ. ଅଶୋକ କୁମାର ମହାନ୍ତି ମଞ୍ଚ ସଂଯୋଜନା କରିଥିଲେ। ଛାତ୍ରୀ ସୁପ୍ରଜ୍ଞା ଡୁରୁଙ୍ଗ, ସସ୍ମିତା ଡଙ୍ଗରୀ ଓ ଶିକ୍ଷୟିତ୍ରୀ ଅନିତା ଭୋଇ ନେହେରୁଙ୍କ ଜୀବନୀ ଉପରେ ବକ୍ତବ୍ୟ ରଖିଥିଲେ।




ନାଲ୍‌କୋ ଟାଉନ୍‌ଶିପ୍ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଉଛି ।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ସଂକ୍ଷେପରେ

## ଅନ୍ଧାରରେ ତହସିଲ ଅଫିସ ରାସ୍ତା

**ଗୁଣପୁର,୧୪।୧୧(ଡି.ଏନ.ଏ):** ରାୟଗଡା ଜିଲା ଗୁଣପୁରର ତହସିଲ ଅଫିସ ରାସ୍ତା ଏକ ପ୍ରମୁଖ ରାସ୍ତା । ଏହି ରାସ୍ତା ଗତ ୬ ମାସରୁ ଊର୍ଦ୍ଧ୍ୱ ଦିନ ହେବ ଅନ୍ଧାରରେ ରହିଛି । ଫଳରେ ଉକ୍ତ ରାସ୍ତା ଦେଇ ଯାଉଥିବା ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପୂର୍ବରୁ ଏହି ରାସ୍ତାରେ ଷ୍ଟ୍ରିଟ୍‌ଲାଇଟ ଜଳୁଥିଲା । ହେଲେ ବର୍ତ୍ତମାନ ଏହି ଷ୍ଟ୍ରିଟ୍‌ଲାଇଟ୍‌ଗୁଡିକ ଜଳୁ ନାହିଁ । ଅନ୍ଧାରରେ ଉକ୍ତ ରାସ୍ତା ଦେଇ ଲୋକେ ଯାଆସ କରିବାକୁ ଠିକ୍ ମଣୁନାହାନ୍ତି । ଏହି ରାସ୍ତାରେ ତହସିଲ ଅଫିସ ରହିଥିବାବେଳେ ସରକାରୀ କ୍ୱାର୍ଟର ରହିଛି । ଏଥିସହ ସୂଚନା ଓ ଲୋକ ସମ୍ପର୍କ ବିଭାଗର ପାଠାଗାର ମଧ୍ୟ ରହିଛି। ସେଫାଳି ପାହାଡ ଉପର ରାମେଶ୍ୱର ମନ୍ଦିରକୁ ଯିବାକୁ ହେଲେ ଏହି ରାସ୍ତା ହିଁ ମୁଖ୍ୟ । ବିଶେଷକରି ସେହିରାସ୍ତାରେ ଅନ୍ୱେଷାକେନ୍ଦ୍ର ରହିବାସହ ପିଲାମାନେ ମଧ୍ୟ ରହୁଛନ୍ତି । ଏହି ରାସ୍ତା ଏକ ଜଙ୍ଗଲ ପରିବେଶ । ଏପରି ଏକ ଗୁରୁତ୍ୱପୂର୍ଣ୍ଣ ରାସ୍ତାରେ ଷ୍ଟ୍ରିଟ୍‌ଲାଇଟ ନ ଜଳିବା ପରିତାପର ବିଷୟ । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପାଠାଗାରକୁ ଲୋକେ ସନ୍ଧ୍ୟାରେ ଯାଉଥିବାବେଳେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତେଣୁ ଉକ୍ତ ରାସ୍ତାର ଷ୍ଟ୍ରିଟ ଲାଇଟ ମରାମତି କରିବାକୁ ସାଧାରଣରେ ଦାବି ହେଉଛି ।

## ‘ଚାଇଲ୍ଡ ଲାଇନ୍ ସେ ଦୋସ୍ତି’ କାର୍ଯ୍ୟକ୍ରମ

**କୋଲନରା, ୧୪।୧୧ (ଡି.ଏନ୍.ଏ.):** ଶିଶୁ ଦିବସ ଉପଲକ୍ଷେ ପଲ୍ଲୀ ବିକାଶ ଚାଇଲ୍ଡ ଲାଇନ୍ ଦ୍ୱାରା ରାୟଗଡ଼ା ଜିଲା କୋଲନରା ବ୍ଲକ ସଦରସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟଠାରେ ‘ଚାଇଲ୍ଡ ଲାଇନ୍ ସେ ଦୋସ୍ତି’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆଦର୍ଶ ବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଏକ ଶୋଭାଯାତ୍ରା ବିଦ୍ୟାଳୟଠାରୁ ବାହାରି ଦୈନିକ ବଜାର ବସ୍‌ଷ୍ଟାଣ୍ଡ ଛକ ଏବଂ ପଞ୍ଚାୟତ ସମିତି କାର୍ଯ୍ୟାଳୟକୁ ଯାଇଥିଲା। ଏଥିରେ ଏବିଡିଓ କେ.ଶିବ ଗୋପାଳ ରାଓ, ବିଇଓ ଏମ୍. ଖଗେଶ୍ୱର ରାଓଙ୍କ ସମେତ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ, ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ସାମିଲ ହୋଇଥିଲେ । ସେମାନଙ୍କୁ ପିଲାମାନେ ଚାଇଲ୍ଡଲାଇନ୍ ଦୋସ୍ତି ବ୍ୟାଣ୍ଡ ପିନ୍ଧାଇଥିଲେ। ବାଲ୍ୟ ବିବାହକୁ ବିରୋଧ କରିବା ନେଇ ଶପଥ ପାଠ କରିବା ସହ ସାମୂହିକ ଭାବେ ସ୍ୱାକ୍ଷର କରିଥିଲେ। ଏହି ଉପଲକ୍ଷେ ଛାତ୍ରୀଛାତ୍ରମାନଙ୍କ ମଧରେ ପ୍ରବନ୍ଧ, ତର୍କ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଥିଲା। ଏଥିରେ ବିଦ୍ୟାଳୟ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଏବଂ ବ୍ଲକ ସ୍ତରୀୟ ଅଧିକାରୀମାନେ ସହଯୋଗ କରିଥିଲେ। ସୁଶ୍ରୀ ଗୌରୀ, ସୁରଜିତ ଏବଂ ରାଧେଶ୍ୟାମ ଆଦି ଚାଇଲ୍ଡ ଲାଇନ୍‌ର କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଆଦର୍ଶ ଅଙ୍ଗନୱାଡି କେନ୍ଦ୍ର ଉଦ୍‌ଘାଟିତ

**ମାଲକାନଗିରି, ୧୪।୧୧(ଡି.ଏନ.ଏ.):** ମାଲକାନଗିରି ସଦର ବ୍ଲକ ତମସା ପଞ୍ଚାୟତ ସଦର ମହକୁମାରେ ଆଦର୍ଶ ଅଙ୍ଗନୱାଡ଼ି କେନ୍ଦ୍ର ଗୁରୁବାର ଉଦ୍‌ଘାଟିତ ହୋଇଛି । ଏହାକୁ ଜିଲାପାଳ ମନୀଷ ଅଗ୍ରୱାଲ, ଜିଲା ପରିଷଦ ଅଧକ୍ଷ ଦଶରଥ ପଡ଼ିଆମି, ସ୍ୱତନ୍ତ୍ର ଆଦିବାସୀ ବିକାଶ ପରିଷଦ ଅଧକ୍ଷ ମାନସ ମଡ଼କାମି ମିଳିତ ଭାବେ ଉଦ୍‌ଘାଟନ କରିଥିଲେ। ବିଡିଓ ଡ.ଗୁଣନିଧି ନାୟକ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ମାନସ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଅଙ୍ଗନୱାଡ଼ି କେନ୍ଦ୍ରର ଭିତ୍ତିଭୂମି ବିକାଶ ସହ ଏଠାକାର ପରିବେଶ ସୁନ୍ଦର କରାଯିବା,ସୁନ୍ଦର ବଗିଚା ସୃଷ୍ଟି ପାଇଁ ଜିଲା ପ୍ରଶାସନ ଉଦ୍ୟମ ଜାରି ରଖିଛି। ଜିଲାର ସମସ୍ତ ଅଙ୍ଗନୱାଡ଼ି କେନ୍ଦ୍ରରେ ଯେପରି ସମସ୍ତ ସୁବିଧା ମିଳିବ ସେନେଇ ଜିଲା ପ୍ରଶାସନ ଉଦ୍ୟମ ଜାରି ରଖିଥିବା ମିଶ୍ର ସୂଚନା ଦେଇଥିଲେ।

# ଶିଶୁ ଦିବସ ମହତ୍ତ୍ୱ ଉପରେ ଆଲୋଚନା



ଶିଶୁ ଯତ୍ନ ଅନୁଷ୍ଠାନରେ ଆୟୋଜିତ କାର୍ଯ୍ୟକ୍ରମରେ ଏଡିଜେ ଉଦ୍‌ବୋଧନ ଦେଉଛନ୍ତି ।



ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରଠାରେ ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି ।

**ଗୁଣପୁର,୧୪।୧୧(ଡି.ଏନ.ଏ)**

ରାୟଗଡା ଜିଲା ଗୁଣପୁରର ବିଭିନ୍ନ ସ୍ଥାନରେ ଶିଶୁ ଦିବସ ଗୁରୁବାର ଧୁମ୍‌ଧାମ୍‌ର ସହ ପାଳିତ ହୋଇଯାଇଛି। ଏଥିଲାଗି ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯାଇଥିଲା । ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ପରିଚାଳନା କମିଟିର ପୂର୍ବତନ ସଭାପତି ତଥା ଆଦର୍ଶ ଶିକ୍ଷକ ଜଗନ୍ନାଥ ଚୌଧୁରୀ ମୁଖ୍ୟଅତିଥି,ଗୁରୁ ହରିଭାଇ ଆରିୟନ ମୁଖ୍ୟବକ୍ତା ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ଶତପଥୀ ଉଦ୍ଦେଶ୍ୟ ଜ୍ଞାପନ କରିବା ସହ ଶିଶୁ ଦିବସର ମହତ୍ତ୍ୱ ଉପରେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଗୋପୀନାଥ ଶତପଥୀ, ପରିଚାଳନା ସମିତି ସଦସ୍ୟା ଅମ୍ବିକାରାଣୀ ମହାପାତ୍ର ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ । ଆଚାର୍ଯ୍ୟା ବୃନ୍ଦାବତୀ ବିଡିକା ସଂଯୋଜନା କରିଥିବାବେଳେ ରେଣୁକା ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ସଙ୍ଗୀତ, ଚିତ୍ରାଙ୍କନ, ଅଭିନୟ, ସାଧାରଣଜ୍ଞାନ, ବକ୍ତୃତା ଓ ପ୍ରବନ୍ଧ ଆଦି ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଏଥିରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ମାନପତ୍ର ସହ ପରୁସ୍କାର ପ୍ରଦାନ କରାଯାଇଥିଲା । କିଶୋରଚନ୍ଦ୍ର ସାହୁ ଶେଷରେ ଧନ୍ୟବାଦ ଦେଇଥିଲେ । ସେହିଭଳି ଲିମାମେଡାସ୍ଥିତ ବାଳନିକେତନ ଶିଶୁ ଯତ୍ନ ଅନୁଷ୍ଠାନରେ ମଧ୍ୟ ଶିଶୁ ଦିବସ ପାଳିତ ହୋଇଥିଲା। ତାଲୁକ ଆଇନ ସେବାସଂସ୍ଥା ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏହାର ଅଧ୍ୟକ୍ଷ ତଥା ଏଡିଜେ ଅଜୟ କୁମାର ପ୍ରଧାନ ସଭାପତିତ୍ୱ କରିଥିଲେ । ସବ୍‌ଜଜ୍ ବିଭୁଦତ୍ତ ନାୟକ, ଏସଡିଜେଏମ୍ ଅରୁନ୍ଧତି ଆଚାର୍ଯ୍ୟ, ଜେଏମ୍‌ଏଫ୍‌ସି ଦିପଙ୍କର ବଳ, ସିଡିପିଓ କିରନ ମୁର୍ମୁ , ଅନୁଷ୍ଠାନ ପୂର୍ବତନ ପରିଚାଳକ ବାଞ୍ଛାନିଧି ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଦିବସର ମହତ୍ତ୍ୱ ଉପରେ ଅତିଥି ମାନେ କହିବା ସହ ପିଲାଙ୍କ ନିମନ୍ତେ ରହିଥିବା ବିଭିନ୍ନ ଆଇନର ଦିଗ, ସରକାରୀ ସହାୟତା, ଶିକ୍ଷାବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ ।

■ ମାଓବାଦୀ କ୍ୟାମ୍ପ ଠାବ

# ଲ୍ୟାଣ୍ଡମାଇନ ସହ ବିଭିନ୍ନ ସାମଗ୍ରୀ ଜବତ

**ରାୟଗଡ଼ା ଅଫିସ, ୧୪।୧୧**

ରାୟଗଡ଼ା ଜିଲା ଆମ୍ବାଦୋଳା ଥାନା ଅନ୍ତର୍ଗତ କାର୍କାମାର୍କା ଜଙ୍ଗଲରେ ବୁଧବାର ମାଓବାଦୀଙ୍କ କ୍ୟାମ୍ପ ଠାବ କରାଯାଇଛି । କ୍ୟାମ୍ପରୁ ୧୨ ପଲିଥିନ ବ୍ୟାଗ , ୫ ପାଣି ବୋତଲ, ୫ ସେଟ୍ ପୋଷାକ, ଔଷଧ, ଚପଲ, ଛତା ରୋଷେଇ ସାମଗ୍ରୀ ଓ କିଛି କାଗଜପତ୍ର ଜବତ କରାଯାଇଛି । ଏଥିସହ ୨ କେଜିର ଏକ ଲ୍ୟାଣ୍ଡମାଇନକୁ ମଧ୍ୟ ଜବତ କରାଯାଇଥିଲା । ପରେ ତାହାକୁ ନିଷ୍କ୍ରିୟ କରାଯାଇଛି । ଗୁରୁବାର ରାୟଗଡ଼ାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏସ୍‌ପି ଶ୍ରବଣ ବିବେକ ଏମ୍ ଏହି ସୂଚନା ଦେଇଛନ୍ତି । ସେ ଆହୁରି କହିଛନ୍ତି ଯେ, ମାଓବାଦୀରେ ସାମିଲ ଥିବା ରିଙ୍କି ଆତ୍ମସମର୍ପଣ ପରେ ସୋମବାର ବଂଶଧାରା ,ଘୁମୁସର ନାଗାବଳୀ ଡ଼ିଭିଜନ କମିଟି ପକ୍ଷରୁ ଏକ ପୋଷ୍ଟର ବିଜାମଣ୍ଡଳୀ ଗ୍ରାମରେ ଲଗାଯାଇଥିଲା । ଏହାକୁ ନେଇ ସୋମବାର ପୋଲିସ ଏବଂ ଯବାନ ଉକ୍ତ ଜଙ୍ଗଲରେ କୋମ୍ବିଂ ଅପରେଶନ କରିଥିଲେ । ମାଓବାଦୀମାନେ ଯବାନଙ୍କୁ ଦେଖି ସେଠାରୁ ଛତ୍ରଭଙ୍ଗ ଦେଇଥିଲେ। ଉକ୍ତ କ୍ୟାମ୍ପରେ ୧୦ରୁ ୧୫ ଜଣ ମାଓବାଦୀ ଥିବା ଅନୁମାନ କରାଯାଉଛି। ଆଗକୁ କୋମ୍ବିଂ ଅପରେଶନ ଆହୁରି କଡ଼ାକଡ଼ି କରାଯିବ ବୋଲି ଏସପି ପ୍ରକାଶ କରିଛନ୍ତି ।



ଜବତ ହୋଇଥିବା ମାଓବାଦୀ ସାମଗ୍ରୀ ।

# ସୁନାଗରିକ ହେବା ନେଇ ପରାମର୍ଶ



ଟିକିରିରେ ଆୟୋଜିତ କାର୍ଯ୍ୟକ୍ରମରେ ଗୁରୁମା’ଙ୍କ ସହ ଛାତ୍ରୀମାନେ ।

**ରାୟଗଡ଼ା ଅଫିସ/ଟିକିରି/ଜେକେପୁର, ୧୪।୧୧(ଡି.ଏନ୍.ଏ.)**

ରାୟଗଡ଼ାର ସମସ୍ତ ଶିକ୍ଷାନୁଷ୍ଠାନରେ ଗୁରୁବାର ଶିଶୁ ଦିବସ ପାଳିତ ହୋଇଛି। ଛାତ୍ରୀଛାତ୍ରଙ୍କୁ ସୁନାଗରିକ ଭଲ ମଣିଷ ହେବାକୁ ଅତିଥି ପରାମର୍ଶ ଦେଇଥିଲେ। ଏହି ଦିବସର ମହତ୍ତ୍ୱ ଓ ପାଳନ ସମ୍ପର୍କରେ ପିଲାମାନଙ୍କୁ କୁହାଯାଇଥିଲା।

ରାୟଗଡ଼ା ନ୍ୟୁ କୋଲନୀସ୍ଥିତ ସ୍ୱାମୀ ବିବେକାନ୍ଦ ଶିଶୁ ବିଦ୍ୟାମନ୍ଦିରରେ ପ୍ରଧାନଶିକ୍ଷକ ବିଜୟ କୁମାର ଚୌଧୁରୀଙ୍କ ଅଧକ୍ଷତାରେ ଶିଶୁ ଦିବସ ଆୟୋଜିତ ହୋଇଛି। ସୂଚନା ଓ ଲୋକ ସମ୍ପର୍କ ଅଧୀକାରୀ ବସନ୍ତ କୁମାର ପ୍ରଧାନ ଏଥିରେ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟ ପରାମର୍ଶଦାତା ଲକ୍ଷ୍ମୀକାନ୍ତ ମୁଖ୍ୟବକ୍ତା ଭାବେ ଯୋଗଦେଇ ପିଲାମାନଙ୍କୁ ନେହେରୁଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସମସ୍ତ ଗୁରୁମା ଗୁରୁଜୀ ସହଯୋଗ କରିଥିଲେ।

ଟିକିରି ସରସ୍ୱତି ଶିଶୁ ବିଦ୍ୟାମନ୍ଦିରରେ ପ୍ରଧାନଆଚାର୍ଯ୍ୟ ରଘୁନାଥ ବେହେରାଙ୍କ ତତ୍ତ୍ୱାବଧାନରେ ଶିଶୁ ଦିବସ ଆୟୋଜିତ ହୋଇଥିଲା। ଦେଶ ବିକାଶରେ ଶିଶୁମାନଙ୍କ ଭୂମିକା କ’ଣ ହେବ ସେ ନେଇ ଆଲୋଚନା କରାଯାଇଥିଲା। ପ୍ରଥମ ଶ୍ରେଣୀ ଛାତ୍ରୀ ଆଦ୍ୟାଶା ନାୟକ, ଦ୍ୱିତୀୟ ଶ୍ରେଣୀର ସୁରଜ ମହାନ୍ତି, ଶ୍ରେୟତାଂଶୁ ବୈରୀଶଲ, ଚତୁର୍ଥ ଶ୍ରେଣୀର ତ୍ରିନାଥ ଭଞ୍ଜ, ପଞ୍ଚମ ଶ୍ରେଣୀର ଚନ୍ଦ୍ରଶେଖର ସାହୁ ପ୍ରମୁଖ ଶିଶୁ ଦିବସ ସମ୍ବନ୍ଧରେ ବାର୍ତ୍ତା ଦେଇଥିଲେ। ସେହିପରି ନୁଆପଡାସ୍ଥିତ ଆଦିତ୍ୟ ବିର୍ଲା ସ୍କୁଲ ପରିସରରେ ଅଧ୍ୟକ୍ଷ ଲକ୍ଷ୍ମୀନାରାୟଣ ଦାସଙ୍କ ସଭାପତିତ୍ୱରେ ଶିଶୁ ଦିବସ ପାଳିତ ହୋଇଛି। ଏଥିସହ ଟିକିରି ହାଇସ୍କୁଲ, ମଣିଗୋଲରି ସ୍କୁଲରେ ମଧ ଏହି ଦିବସ ପାଳିତ ହୋଇଛି। ସେହିପରି ଜେକେପୁରସ୍ଥିତ ଗୁରୁଜୀନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପାଳିତ ହୋଇଛି ଶିଶୁ ଦିବସ । ଏଥିରେ ସାମାଜିକ କର୍ମୀ ଗୋପୀନାଥ ସାହୁ ମୁଖ୍ୟଅତିଥି ଭାବେ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । କୋଲନରା ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶିବ ଗୋପାଳ ରାଓ, ଗୋପବନ୍ଧୁ ଦ୍ୱିଭାଷୀ ଉଚ୍ଚ ବିଦ୍ୟାଳୟ ଶିକ୍ଷକ ରମେଶଚନ୍ଦ୍ର ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ବୀରେନ୍ଦ୍ର ଗୁରୁଜୀ ଧନ୍ୟବାଦ ଦେଇଥିଲେ ।

## ଉନ୍ନୟନ ପରିଷଦ ଅଧକ୍ଷଙ୍କ ସଂସ୍କୃତି ଭବନ ପରିଦର୍ଶନ

**କାଳିମେଳା,୧୪।୧୧(ଡି.ଏନ.ଏ.)**

କାଳିମେଳା ବ୍ଲକର ବିଭିନ୍ନ ପଞ୍ଚାୟତର ଗ୍ରାମରେ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପାଣ୍ଠିରେ ନିର୍ମିତ ହେଉଥିବା ପୂଜାପୀଠ ଓ ସଂସ୍କୃତି ଭବନକୁ ଜିଲା ସ୍ୱତନ୍ତ୍ର ବିକାଶ ପରିଷଦ ଅଧକ୍ଷ ମାନସ ମାଡକାମି ଗୁରୁବାର ପରିଦର୍ଶନ କରି କାର୍ଯ୍ୟ ତଦାରଖ କରିଛନ୍ତି । ଅଧକ୍ଷଙ୍କ ସହ ପରିଷଦର ପ୍ରକଳ୍ପ ସଂଯାଜକ ଲକ୍ଷ୍ମୀ ନାରାୟଣ ହୋତା, ଯନ୍ତ୍ରୀ ପ୍ରଚନ ପ୍ରଧାନ ଉପସ୍ଥିତ ଥିଲେ। ମାଡକାମି ପ୍ରଥମେ ଟିଗଲ ପଞ୍ଚାୟତ ଉସକାପାଲି,ତାମନପାଲିଠାରେ ନିର୍ମିତ ପୂଜାପୀଠ ଓ ସଂସ୍କୃତି ଭବନ ବୁଲି ଦେଖିଥିଲେ। ପରେ ତାଣ୍ଡବାଇ ପଞ୍ଚାୟତର ଲାଛିପେଟା, କାନ୍ଦିଗୁଡା, ମେଟାଗୁଡା ଗ୍ରାମକୁ ଯାଇଥିଲେ। ଭୁବନପାଲି ପଞ୍ଚାୟତରେ ୪ଟି ପୀଠକାର୍ଯ୍ୟ ପାଇଁ ପ୍ରସ୍ତାବ ଥିବାବେଳେ ସେଠାରେ କାର୍ଯ୍ୟ ଆରମ୍ଭ ହୋଇ ନ ଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। ପରେ ମହାରାଜପାଲି ପଞ୍ଚାୟତର ବିଲିଗୁଡା, ମହାରାଜପାଲି ଓ ଲୁଗେଲ ପଞ୍ଚାୟତର ଫୁଲଚାନକୋଣ୍ଡା ଓ ଲୁଗେଲ ଠାରେ ନିର୍ମିତ ପୀଠଗୁଡିକ ସେ ପରିଦର୍ଶନ କରିଥିଲେ।

# ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଶିଶୁ ଦିବସ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ରାୟଗଡ଼ା ଅଫିସ,୧୪।୧୧**

ରାୟଗଡ଼ା ବଚପନ୍ ସ୍କୁଲରେ ଜିଲା ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ ଶିଶୁଦିବସ ପାଳନ କରାଯାଇଛି। ଜିଲା ଦୌରାଜଜ୍ ତଥା ଜିଲା ଆଇନ୍ ସେବା ପ୍ରାଧିକରଣର ଅଧକ୍ଷ ସୋମଶେଖର ଜେନା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ପରିବାର ଅଦାଲତର ଜଜ୍ ସୌଭାଗିନୀ ମଲିକ, ଅତିରିକ୍ତ ଜିଲା ଦୌରାଜଜ୍ ଆଶିଷ ତ୍ରିପାଠୀ, ରେଜିଷ୍ଟ୍ରାର ସୁନନ୍ଦା ପାଢ଼ୀ, ବରିଷ୍ଠ ଦେୱାନୀ ବିଚାରପତି ସୁଚରିତା ମହାନ୍ତି, ଗ୍ରାମ ନ୍ୟାୟାଳୟ ନ୍ୟାୟାଧିକାରୀ ବୈଶାଳୀ ନାୟକ, ଦ୍ୱିତୀୟ ଶ୍ରେଣୀ ଦଣ୍ଡାଧିକାରୀ ଶୋଭନ ପଣ୍ଡା, ଲୋକଅଦାଲତ ସ୍ଥାୟୀ ସଦସ୍ୟ କେ. ସାଲଭା ରାଜୁ, ସବ୍‌କଲେକ୍ଟର ପ୍ରତାପ ଚନ୍ଦ୍ର ପ୍ରଧାନ, ଡିଏସ୍‌ପି ବି.କେ. ମିଶ୍ର, ଜିଲା ଶିଶୁ ସୁରକ୍ଷା ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଡାକ୍ତର ମମତା ସାହୁ, ଓକିଲ ସାମୁଏଲ୍ ତାଣ୍ଡୀ, ସ୍କୁଲ ଡାଇରେକ୍ଟର ଅଶ୍ୱିନୀ ଦାଶ, ପ୍ରିନ୍ସିପାଲ ଏଲ୍.ଏନ୍.ମୂର୍ତ୍ତି ଅତିଥିଭାବେ ଯୋଗ ଦେଇଥିଲେ। ଅତିଥିମାନେ ଶିଶୁ ଦିବସର ଶୁଭେଚ୍ଛା ଜଣାଇ ଥିଲେ। ପରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପୂର୍ବରୁ ସ୍କୁଲରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଜିଲା ଆଇନସେବା ପ୍ରାଧିକରଣର ସମ୍ପାଦକ ମନୋରଞ୍ଜନ ମିଶ୍ରଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମଟି ଆୟୋଜିତ ହୋଇଥିଲା। ସ୍କୁଲ ପ୍ରିନ୍ସିପାଲ ଧନ୍ୟବାଦ ଦେଇଥିଲେ।

# ଜିଲାର ୨ ବିଦ୍ୟାଳୟ ପାଇବ ସ୍ୱଚ୍ଛତା ପୁରସ୍କାର

**ରାୟଗଡ଼ା ଅଫିସ , ୧୪।୧୧**

ରାୟଗଡ଼ା ଜିଲାର ଦୁଇ ବିଦ୍ୟାଳୟକୁ ରାଜ୍ୟସ୍ତରୀୟ ସ୍ୱଚ୍ଛତା ପୁରସ୍କାର ପ୍ରଦାନ ପାଇଁ ମନୋନୀତ କରାଯାଇଛି । ରାଜ୍ୟର ୧୫ଟି ବିଦ୍ୟାଳୟକୁ ମନୋନୀତ କରାଯାଇଥିବା ଓପେପା ତରଫରୁ ଜଣାଯାଇଛି । ଓପେପାର ଚିଠି ନଂ ୮୯୯୯ରେ ସମସ୍ତ ଜିଲା ଶିକ୍ଷାଧିକାରୀଙ୍କୁ ଏ ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଛି। ସେଥିମଧ୍ୟରୁ ରାୟଗଡ଼ା ବ୍ଲକ ବୀରନାରାୟଣପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ପଦ୍ମପୁର ବ୍ଲକ ବିଛିକୋଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମନୋନୀତ ହୋଇଛି । ଏହି ଦୁଇ ବିଦ୍ୟାଳୟକୁ ଶୁକ୍ରବାର ରାଜ୍ୟସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅବସରରେ ପୁରସ୍କୃତ କରାଯିବ । ଏହି ଦୁଇ ବିଦ୍ୟାଳୟ ସ୍ୱଚ୍ଛତା କ୍ଷେତ୍ରରେ ଏକ ମାଇଲଖଣ୍ଟ ସ୍ଥାପନ କରିଛନ୍ତି। ଜିଲାରୁ ଦୁଇ ବିଦ୍ୟାଳୟ ମନୋନୀତ ହେବା ପରେ ବିଭିନ୍ନ ମହଲରେ ଖୁସିର ଲହରି ଖେଳିଯାଇଛି ।

# ଅଗ୍ନି ନିରାପତ୍ତା ବିଭାଗ ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସାଳୟ ଅନୁଧ୍ୟାନ

**ରାୟଗଡ଼ା ଅଫିସ , ୧୪।୧୧**

ଅଗ୍ନି ନିରାପତ୍ତା ବିଭାଗ ପକ୍ଷରୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ ଅନୁଧ୍ୟାନ କରାଯାଇଛି । ଚିକିତ୍ସାଳୟର ଅଗ୍ନି ନିରାପତ୍ତା ପ୍ରମାଣ ପତ୍ର ଲାଗି ଯୋଗ୍ୟତା ଅଛି ନା ନାହିଁ ସେ ନେଇ ଅନୁଧ୍ୟାନ କରାଯାଇଛି । ଗୁରୁବାର କୋରାପୁଟ ଅଗ୍ନି ନିରାପତ୍ତା ବିଭାଗର ଡ଼େପୁଟି ସର୍କଲ ଅଫିସର ରଙ୍ଗାଧର ଆଚାର୍ଯ୍ୟଙ୍କ ସହ ଅନ୍ୟମାନେ ରାୟଗଡ଼ା ଆସି ଅଗ୍ନି ନିରାପତ୍ତା ବ୍ୟବସ୍ଥା ନେଇ ଅନୁଧ୍ୟାନ କରିଛନ୍ତି । ମେଡ଼ିକାଲରେ ନିଆଁ ଲାଗିଲେ ପ୍ରବେଶ ଓ ପ୍ରସ୍ଥାନ ଦ୍ୱାର ବାଟେ ବାହାରକୁ ଯାଇହେବ କି ନାହିଁ । ଆହୁରି କଣ ଛୋଟ ମୋଟ ଭୁଲ ଅଛି ସେନେଇ ଅନୁଧ୍ୟାନ କରିଛୁ । ଏହି ସବୁ ତଥ୍ୟକୁ ଆମେ ଉପରିସ୍ଥ ଅଧିକାରୀଙ୍କୁ ପ୍ରଦାନ କରିବୁ । ମେଡ଼ିକାଲ ଅଗ୍ନି ନିରାପତ୍ତା ପ୍ରମାଣ ପତ୍ର ପାଇବା ପାଇଁ ଯୋଗ୍ୟ । ଏହା ଖୁବ ଶୀଘ୍ର ପ୍ରଦାନ କରାଯିବ ବୋଲି ଅଗ୍ନି ନିରାପତ୍ତା ବିଭାଗର ଡ଼େପୁଟି ସର୍କଲ ଅଫିସର ପ୍ରକାଶ କରିଛନ୍ତି ।



ଜିଲା ମୁଖ୍ୟ ଚିକିତ୍ସାଳୟରେ ଅଗ୍ନି ନିରାପତ୍ତା ବିଭାଗ ଅଧିକାରୀମାନେ ଆଲୋଚନା କରୁଛନ୍ତି।



ରାୟଗଡ଼ାସ୍ଥିତ ତାଡମା ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ନୃତ୍ୟ ପରିବେଷଣ କରୁଛନ୍ତି।

# ସରିଲା ବ୍ଲକସ୍ତରୀୟ ସର୍ଗିଫୁଲ କାର୍ଯ୍ୟକ୍ରମ

**ରାୟଗଡ଼ା ଅଫିସ ,୧୪।୧୧**

ଅନୁସୂଚିତ ଜାତି ଜନଜାତି ଉନ୍ନୟନ ବିଭାଗ ରାୟଗଡ଼ା ତାରଫରୁ ତାଡ଼ମା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଦୁଇ ଦିନ ଧରି ଚାଲିଥିବା ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସର୍ଗିଫୁଲ କାର୍ଯ୍ୟକ୍ରମ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ପିଡ଼ି ଅମ୍ରିତ ଋତୁରାଜ ମୁଖ୍ୟଅତିଥି ଭାବେ ଯୋଗ ଦେଇ ପିଲାମାନଙ୍କୁ ଉତ୍ସାହିତ କରିଥିଲେ । ନିଜର ଲୁକାୟିତ ପ୍ରତିଭାକୁ ଲୋକଲୋଚନ କୁ ଆଣିବା ପାଇଁ ସର୍ଗିଫୁଲ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବା ଦରକାର ବୋଲି କହିଥିଲେ । ଏଥିସହ ପାଠ ଓ ଅନ୍ୟ କାର୍ଯ୍ୟକଳାପର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ । ସର୍ଗିଫୁଲର ଆବାହକ ବିଡ଼ିଓ ରାଜେନ୍ଦ୍ର ମାଝି, ଜିଲା ମଙ୍ଗଳ ଅଧିକାରୀ ନନ୍ଦଲାଲ ବିଶ୍ୱାଳ, ଶିକ୍ଷା ମଣ୍ଡଳାଧିଶ କୃଷ୍ଣଚନ୍ଦ୍ର ମହଲା, ଅନୁସୂଚିତ ଜାତି ଜନଜାତି ବିଭାଗର ଜିଲା ଶିକ୍ଷାଧିକାରୀ ଶ୍ୟାମଘନ ଭୂୟାଁ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ଜିଲାର ପ୍ରାୟ ୩୧ ଟି ଅନୁସୂଚିତ ଜାତି ଜନଜାତି ବିଦ୍ୟାଳୟର ପିଲା ଅଂଶ ଗ୍ରହଣ କରିଥିଲେ । କୁଇଜ, ତର୍କ, ଚିତ୍ରାଙ୍କନ, ଏକକ ନୃତ୍ୟ ଆଦି ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା ।

■ ମୁନିଗୁଡା ବ୍ଲକସ୍ତରୀୟ ସର୍ଗିଫୁଲ କାର୍ଯ୍ୟକ୍ରମ

# ପ୍ରତିଭା ଦେଖାଇଲେ ଛାତ୍ରୀଛାତ୍ର

**ମୁନିଗୁଡା,୧୪।୧୧(ଡ଼ି.ଏନ.ଏ)**

ରାୟଗଡା ଜିଲା ମୁନିଗୁଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକ ସ୍ତରୀୟ ସର୍ଗିଫୁଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ପ୍ରଧାନଶିକ୍ଷକ ସତ୍ୟନାରାୟଣ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ବିଦ୍ୟାଭୂଷଣ ମହାନ୍ତି ମୁଖ୍ୟଅତିଥି, ମୁନିଗୁଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଭାଗୀରଥି ସାହୁ ସମ୍ମାନିତ ଅତିଥି,ଭାରତ ଜ୍ଞାନ ବିଜ୍ଞାନ ସମିତି ଜିଲା ସଂଯୋଜକ ବିପିନ ବିହାରୀ ବାରିକ, ଆମ୍ବାଦୋଳା ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ସାହୁ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଶୋକ କୁମାର ବିଶ୍ୱାଳ ନିମନ୍ତ୍ରିତ ଅତିଥି, ସାମାଜିକ କର୍ମୀ ଡାକ୍ତର ଗୌରାଙ୍ଗଚରଣ ରାଉତ ମୁଖ୍ୟବକ୍ତା ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ଆୟୋଜିତ ଗଣିତ, କୁଇଜ, ବିଜ୍ଞାନ , ସାଧାରଣଜ୍ଞାନ ପରୀକ୍ଷା, ତର୍କ, ସୃଜନଶୀଳ, ଲେଖନ, ଚିତ୍ର, ନୃତ୍ୟ, ଦଳଗତ ନୃତ୍ୟ, ବାଦ୍ୟଯନ୍ତ୍ର ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ପ୍ରତିଯୋଗିର ପ୍ରଥମ,ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ର ରାୟଗଡାରେ ଅନୁଷ୍ଠିତ ହେବାକୁ ଥିବା ଜିଲାସ୍ତରୀୟ ସର୍ଗିଫୁଲ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ । ଶିକ୍ଷକ ଅକ୍ଷୟ ରଥ ମଞ୍ଚ ପରିଚାଳନା କରିଥିଲେ । ସେହିପରି ଶିକ୍ଷକ ଏମ.ମୁରଲୀକ୍ରିଷ୍ଣା, ଉଦୟ ଚୌଧୁରୀ, ପତିତପାବନ ଜେନା, ପି ସୁରେଶ କୁମାର ଏବଂ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ପରିଚାଳନା ଏବଂ ସହଯୋଗ କରିଥିଲେ। ଏଥିରେ ବିଭିନ୍ନ ବିଦ୍ୟାଳୟରୁ ଦୁଇଶହରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ବିଭିନ୍ନ ପୁରାତନ ସଂଗୀତରେ ଛାତ୍ରୀଛାତ୍ର ନୃତ୍ୟ ପରିବେଷଣ କରିଥିଲେ ।



ସର୍ଗିଫୁଲ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ।

